## ସଂକ୍ଷେପରେ

### ଓଡ଼ିଶା କୃଷକ ସଭା ପକ୍ଷରୁ ପ୍ରତିବାଦ ସଭା

**ଜଳେଶ୍ୱର, ୪।୧୧(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କର ଦେଶରେ ଆର୍‌ସିଇପି ନୀତି ଆପଣାଇବାକୁ ଯାଉଥିବା ବେଳେ ଓଡ଼ିଶା କୃଷକ ସଭା ତରଫରୁ ଏହାକୁ ବିରୋଧ କରି ଜଳେଶ୍ୱର ଷ୍ଟେଶନ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ସଭାରେ ଓଡିଶା କୃଷକ ସଭାର ଜିଲା ଉପସଭାପତି ଦିଲ୍ଲୀପ ଗିରି ସଭାପତିତ୍ୱ କରିଥିବା ବେଳେ ଜିଲା ସମ୍ପାଦକ ସୀତାଂଶୁ ସେନାପତି, ବ୍ଲକ ସମ୍ପାଦକ ରବୀନ୍ଦ୍ର ବାରିକ, ବ୍ଲକ ସଭାପତି ଗଣେଶ ଭୂୟାଁ, ଦିପ୍ତୀମାନ ଆଚାର୍ଯ୍ୟ, ଜୀବନ ପରିଡା, ଜମିରୁଦ୍ଦିନ, ଦିଲୀପ ପରିଡା, ଜିତାଂଶୁ ନନ୍ଦୀ, ଯତୀନ ଜେନା, ଗଣେଶ ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ନୀତି ଦ୍ୱାରା ବିଦେଶୀ ପୁଞ୍ଜିପତିମାନେ ଆମ ଦେଶକୁ ଲୁଟ କରିବେ। ସରକାରଙ୍କର ଏହି ମାରଣ ନୀତି ବିରୋଧରେ ଦେଶବାସୀ ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଭଳି ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଓଡିଶା କୃଷକ ସଭା ଦାବି କରିଛି।

### ଲୋକକଳା ସଂସ୍କୃତି ସଂଘର ବୈଠକ



**ବାହାନଗା,୪।୧୧(ଡି.ଏନ.ଏ.):** ବାହାନଗା ବ୍ଲକ ଲୋକକଳା ସଂସ୍କୃତି ସଂଘର ବୈଠକ ଗୋପାଳପୁର ପଞ୍ଚାୟତ ବାମଝପା ମୁନିପଡିଆସ୍ଥିତ ଭାଗବତ ଟୁଙ୍ଗି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଜେନ୍ଦ୍ର ଯେନା ଏଥିରେ ପୌରୋହିତ୍ୟ କରିଥିଲେ। ଏଥିରେ ବ୍ଲକର ୩୦ ଲୋକ କଳାକାର ଟିମ୍‌ର ସଦସ୍ୟମାନେ ଯୋଗ ଦେଇଥିଲେ। ବୈଠକରେ ଜିଲା ଲୋକ କଳାକାର ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଆଇନଜୀବୀ ରବୀନ୍ଦ୍ର ଧାମୁଡିଆ ପ୍ରମୁଖ ଯୋଗଦେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ଲୋକ କଳାକାରଙ୍କ ନାମ ପଞ୍ଜୀକରଣ କରିବା ପାଇଁ ଦେଇଥିବା ନିର୍ଦ୍ଦେଶକୁ ଚିଠିର ନକଲ ସହିତ ଅବଗତ କରାଇଥିଲେ। ବୈଠକରେ ଯେଉଁମାନେ ପଞ୍ଜୀକରଣ ପାଇଁ ସଂଘରେ କାଗଜପତ୍ର ଦାଖଲ କରିଛନ୍ତି ସେମାନଙ୍କ କାଗଜପତ୍ର ସମୀକ୍ଷା ପରେ ବ୍ଲକରେ ଦାଖଲ କରିବା ପାଇଁ ସଂଘର ସଭାପତିଙ୍କୁ ଅନୁମତି ପ୍ରଦାନ କରାଯାଇଥିଲା। ପରେ ଉପସ୍ଥିତ ଅତିଥିମାନେ ସରକାରଙ୍କ ଲୋକକଳା ସମ୍ପର୍କିତ ବକ୍ତବ୍ୟ ଉପସ୍ଥିତ କଳାକାରମାନଙ୍କୁ ପ୍ରଦାନ କରିଥିଲେ। ବୈଠକରେ ଅନିରୁଦ୍ଧ ବାରିକ୍, ଲୋକନାଥ ମଲ୍ଲିକ, ଶଙ୍କର୍ଷଣ ସେଠୀ, ଗୋପାଳ ଯେନା, ପୂର୍ଣ୍ଣଚନ୍ଦ୍ର ପଲେଇ, ନାରାୟଣ ପ୍ରସାଦ ଯେନା, ବିଦ୍ୟାଧର ଦାସ, ଅନନ୍ତ ରାଉଳ, ନାରାୟଣ ଦାଶ, ସୁମନ୍ତୀ ବାରିକ୍, ବିମଳା ମହାରଣା, ରାଧାରାଣୀ ଦାସ, ନବକିଶୋର ଦାସ ଓ ପଞ୍ଚାନନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବ୍ଲକର ବରିଷ୍ଠ କଳାକାର ସୁଦର୍ଶନ ଦାସ ଧନ୍ୟବାଦ ଦେଇଥିଲେ।

# ଜରି ତଳେ ଜୀବନ

ରବି ନାରାୟଣ ପାତ୍ର
ଜଳେଶ୍ୱର, ୪।୧୧

ଆର୍ଥିକ ଅନଗ୍ରସର ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ସମସ୍ତଙ୍କ ନିକଟରେ ତାହା ପହଞ୍ଚିପାରୁନାହିଁ।

ଏପରି କି ମୁଣ୍ଡ ଗୁଞ୍ଜିବାକୁ ଭୂମି କିମ୍ବା ଘରଟିଏ ନ ଥିବାରୁ ଅନେକେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ଜଳେଶ୍ୱର ପୌରପରିଷଦ ଅଞ୍ଚଳର ୧୦ନଂ ୱାର୍ଡ଼ ଶାନ୍ତିଆଠାରେ ରହୁଥିବା ଦେବୁ ଦାସ (୫୨) ଏହାର ଉଦାହରଣ।

୧୯୯୯ରେ ପଶ୍ଚିମବଙ୍ଗର ମେଦିନୀପୁର ହଳିଦିଆ ଅଞ୍ଚଳ ବସନ୍ତପୁର ଗାଁର ଦେବୁ ଦାସଙ୍କର ପୈତୃକ ସମ୍ପତ୍ତି ନ ଥିବାରୁ ସେ ଗାଁ ଛାଡ଼ି କାମ ଅନ୍ୱେଷଣରେ ସ୍ତ୍ରୀଙ୍କ ସହିତ ଜଳେଶ୍ୱର ଷ୍ଟେଶନରେ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ନିକଟସ୍ଥ ଗ୍ରାମରେ ଦିନ ମଜୁରିଆ ଭାବେ କାମ କରିବା ସହିତ ଗ୍ରାମର ବିଭିନ୍ନ ଲୋକଙ୍କ ପିଣ୍ଡାରେ ରାତି କଟାଉଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ହେବା ପରେ ବହୁ ଚେଷ୍ଟା ଓ କେତେକ ସମାଜସେବୀଙ୍କ ସହାୟତାରେ ସେ ଭୋଟରକାର୍ଡ, ଆଧାରକାର୍ଡ ଓ ରାଶନକାର୍ଡ ପାଇ ରାଶନ୍ ସାମଗ୍ରୀ ପାଉଛନ୍ତି। ଗ୍ରାମର ଲୋକମାନଙ୍କ ସହମତି ଓ ସହାୟତାରେ ସେ ୩ବର୍ଷ ଧରି ଅନାବାଦି ଜାଗାରେ ଏକ ପଲିଥିନ ତିଆରି ଘରେ ମୁଣ୍ଡଗୁଞ୍ଜି ଆସୁଛନ୍ତି। ଜଳେଶ୍ୱର ତହସିଲ ଓ ପୌରପରିଷଦକୁ ବାରମ୍ବାର ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ଏଯାଏ ଭୂମିଟିଏ କିମ୍ବା ଘରଖଣ୍ଡିଏ ପାଇପାରିନାହାନ୍ତି। ସରକାରଙ୍କ ଆବାସ ଯୋଜନା ତାଙ୍କ ପାଇଁ ସାତସପନ ହୋଇଛି। ଦେବୁ ଜଣେ ଭୂମିହୀନ ଓ ଗୃହଶୂନ୍ୟ ବ୍ୟକ୍ତି ହୋଇଥିବାରୁ ସରକାରଙ୍କ ପକ୍ଷରୁ ଜମି ଓ ଗୃହର ବ୍ୟବସ୍ଥା କରାଇବାକୁ ପୂର୍ବତନ ପୌରପାଳ ବସନ୍ତ ସେନାପତି, ସମାଜସେବୀ ସୀତାଂଶୁ ସେନାପତି, ଗିରିଜା ଶଙ୍କର ଦାସ ପ୍ରମୁଖ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।



ଘର ଆଗରେ ଦେବୁ ଦାସଙ୍କ ପରିବାର।



ଅତିଥିଙ୍କ ଦ୍ୱାରା ଚାମ୍ପିୟନ୍ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

### ଜିଲା ଭଲିବଲ ପ୍ରତିଯୋଗିତା

## ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ

ବାଲେଶ୍ୱର ଅଫିସ, ୪।୧୧

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପରମିଟ ପଡ଼ିଆଠାରେ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ମୋଟ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲ ୩-୧ ସେଟ୍‌ରେ ବାଲିଆପାଳ କୁମ୍ଭାରୀ ଭଲିବଲ୍ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ କ୍ରୀଡ଼ାସଂଘର କାର୍ଯ୍ୟକାରୀ ସଭାପତି ଅଧିପ ଦାସ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ଉପସଭାପତି ବୀରେନ୍ଦ୍ର ସ୍ୱାଇଁ, ଭଲିବଲ ସଂଘର ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା, ନିମାଇଁ ରାଉତରାୟ, କାର୍ତ୍ତିକ ଚନ୍ଦ ନାୟକ, ପ୍ରଦୀପ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ସାଦିକ ଅଲ୍ଲି ଖାଁ, ଜନ୍ମେଜୟ ଦେ ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ମିଳିତ ଜନଶୁଣାଣି ଶିବିରରେ ୨୩୨ ଅଭିଯୋଗ

ବାହାନଗା, ୪।୧୧(ଡି.ଏନ.ଏ.)

ବାହାନଗା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଦ୍ୱାରା ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ୨୪ ପଞ୍ଚାୟତରୁ ୨୩୨ ଅଭିଯୋଗ ପଞ୍ଜିକୃତ କରାଯାଇଛି। ସାଧାରଣତଃ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କା ଘର, ସୌଭାଗ୍ୟବତୀ ଯୋଜନାରେ ବିଦ୍ୟୁତ ସଂଯୋଗ ନ ହେବା, ଭୂମିହୀନଙ୍କୁ ଜମି ଯୋଗାଇ ଦେବା ସମେତ ଭତ୍ତା, ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ, ବ୍ଲକରେ କନିଷ୍ଠ ଯନ୍ତ୍ରୀ ନ ଥିବା, ବିଡିଓ ନ ରହିବା ଯୋଗୁ ଉନ୍ନୟନମୂଳକ କାମ ହୋଇପାରୁ ନ ଥିବା ଲୋକପ୍ରତିନିଧି ଓ ବିଭିନ୍ନ ପଞ୍ଚାୟତର ସାଧାରଣ ଲୋକ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ବି. ଯୁଗଳ କିଶୋର କୁମାର, ପି.ଡି. ରାମଚନ୍ଦ୍ର ଯେନା, ସିଡିଏମ୍‌ଓ ଡ.ବି.ପି. ଛୋଟରାୟ, ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ମହାଳିକ, ବାହାନଗା ତହସିଲଦାର ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତିରେ ଲୋକମାନେ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗ ପାଇବା ପରେ ଉପସ୍ଥିତ ଥିବା ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଉପସ୍ଥିତ ଅଧିକାରୀମାନେ ଲୋକମାନଙ୍କୁ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଯାଇ ସାକ୍ଷାତ୍ କରିବା ପାଇଁ ବୁଝାଇ କହିଥିଲେ।



ଶିବିରରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ ଓ ଗୁରୁମା, ଗୁରୁଜୀ।

## ରକ୍ତଦାନ, ଚିକିତ୍ସା ଶିବିର

**ଖଇରା,୪।୧୧(ଡି.ଏନ.ଏ.):** ଖଇରା ବ୍ଲକ ଗଡପୋଖରୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆୟୁଷ୍ମାନ ଫାଉଣ୍ଡେଶନ ଆନୁକୂଲ୍ୟରେ ଗୁରୁବାର ରକ୍ତଦାନ ଓ ମାଗଣା ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟା ସରସ୍ୱତୀ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମନୋଜ କୁମାର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଗୁରୁଜୀ ଓମ୍ ପ୍ରକାଶ ଜେନା ପ୍ରଥମେ ରକ୍ତଦାନ କରିଥିଲେ। ଭଦ୍ରକ ଜିଲାର ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀପକ କୁମାର ଜେନା ୩ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କର ଚିକିତ୍ସା କରିବା ସହ ଔଷଧ ପ୍ରଦାନ କରିଥିଲେ। ମୋଟ ୩୩ଜଣ ସେଚ୍ଛାସେବୀ ରକ୍ତଦାନ କରିଥିଲେ। ଶିଶୁମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ, ଆୟୁଷ୍ମାନ ଫାଉଣ୍ଡେଶନର ସଭ୍ୟାସଭ୍ୟ ସହଯୋଗ କରିଥିଲେ।

## ୬ରେ ବିଶ୍ୱବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀଙ୍କ ପ୍ରତିବାଦ ଦିବସ

ବାଲେଶ୍ୱର ଅଫିସ, ୪।୧୧

ଅଖିଳ ଭାରତ ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ ନିମନ୍ତେ ସମସ୍ତ ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀମାନେ ଆସନ୍ତା ୬ତାରିଖରେ ଦୁଇଘଣ୍ଟିଆ ପ୍ରତୀକ ଧାରଣା ଦେବାକୁ ସ୍ଥିର କରିଛନ୍ତି। ୨୦୧୯ରେ ପ୍ରଣୀତ ନୂତନ ଶିକ୍ଷାନୀତିର ପ୍ରତ୍ୟାହାର, ଅଣଶିକ୍ଷକ କର୍ମଚାରୀଙ୍କୁ ୟୁଜିସି ହାରରେ ବେତନ ପ୍ରଦାନ, ନୂତନ ପେନସନ ନୀତି ପ୍ରତ୍ୟାହାର ପୂର୍ବକ ପୁରାତନ ନୀତିର ପୁନଃ ପ୍ରଚଳନ ଏବଂ ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବାକୁ ଦାବି ହୋଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭ୍ୟାସଭ୍ୟମାନେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଲିଖିତ ଦାବିପତ୍ର ପ୍ରେରଣ କରିବେ ବୋଲି ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭାପତି ଅର୍ଜୁନ କର ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ଡଗରା ବେଳାଭୂମି ସଫେଇ

ବାଲିଆପାଳ, ୪।୧୧(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଡଗରା ଗାନ୍ଧୀ ବିନୋବା ଆଶ୍ରମର ଅନ୍ତେବାସୀମାନେ ଡଗରା ବେଳାଭୂମିରେ ରବିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିଥିଲେ। ଗୋପାଳ ଦାସଙ୍କ ଆହ୍ୱାନରେ ଅନ୍ତେବାସୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂର୍ବତନ ଜିଲାପରିଷଦ ସଦସ୍ୟ ସତ୍ୟାନନ୍ଦ ମହାନ୍ତି, ବିଜୟ ସାହୁ, ବାଦଲ ଦାସ, ହରିପଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଆଶ୍ରମ ପକ୍ଷରୁ ସଫେଇ ଜାରି ରହିବ ବୋଲି ଗୋପାଳ ଦାସ ସୂଚନା ଦେଇଛନ୍ତି।

## ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିକ୍ଷୋଭ

ବାଲେଶ୍ୱର ଅଫିସ, ୪।୧୧




ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ବାଲେଶ୍ୱର ଜିଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସୋମବାର ରେଳଷ୍ଟେଶନରୁ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗର୍ଭବତୀ ଓ ଶିଶୁଙ୍କ ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ଗତ ୧୯୭୫ରୁ ଅଙ୍ଗନୱାଡ଼ି ମାଧ୍ୟମରେ ଦେଶବ୍ୟାପୀ କାର୍ଯ୍ୟ କରୁଛନ୍ତି। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ୧୮ହଜାର ଟଙ୍କା ବେତନ ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ କରାଯାଉ ନ ଥିବା ସମ୍ପର୍କରେ ବକ୍ତାମାନେ ଅଭିଯୋଗ କରିଥିଲେ। ସାଧାରଣ ସମ୍ପାଦିକା ଗୌରୀ ଦାସଙ୍କ ନେତୃତ୍ୱରେ ସଂଘର ପ୍ରତିନିଧିମାନେ ଡେପୁଟି କଲେକ୍ଟର ଅରୁଣା ତ୍ରିପାଠୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏଆଇଟିୟୁସିର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବାବେଳେ ସଂଘ ତରଫରୁ ଆରତୀ ଦାସମହାପାତ୍ର, ରାଧାରାଣୀ ପଣ୍ଡା, ନିର୍ମଳା ପାଣିଗ୍ରାହୀ, ରାଜଲକ୍ଷ୍ମୀ ପଣ୍ଡା, ସବିତା ମଲ୍ଲିକ, ସବିତା ତ୍ରିପାଠୀ, ଜମ୍ବୁବତୀ ମହାନ୍ତି, ରେଣୁବାଳା ପାତ୍ର, କାଞ୍ଚନ ଦାସ, କଳ୍ପନା ଦାସ ପ୍ରମୁଖ ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ।

## 'ଆର୍ଥିକ ବିକାଶରେ ଗୋ ସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବାସୁଦେବପୁର, ୪।୧୧ (ଡି.ଏନ.ଏ.)




ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି।

ବାସୁଦେବପୁର ଗୁଆଗଡ଼ିଆ ପଞ୍ଚାୟତ ଚିରୋଳ ଗ୍ରାମରେ ୬୮ତମ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଭଦ୍ରକ ଜିଲା ଓ ବାସୁଦେବପୁର ପ୍ରାଣୀ ଚିକିତ୍ସା ବିଭାଗ ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରର ଆର୍ଥିକ ବିକାଶରେ ଗୋ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ସେ କହିଥିଲେ। ଗୋ ସେବାରେ ପୁଣ୍ୟ ମିଳିଥାଏ। ସେମାନଙ୍କର ଯତ୍ନ ଓ ସୁରକ୍ଷା ପରିବାର ସ୍ତରରେ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ ଯୋଗଦେଇ ଗୋମାତା ପ୍ରତି ଅତ୍ୟାଚାର ଓ ଗୋ ଚାଲାଣକୁ ବନ୍ଦ କରାଯିବା ସହିତ ଏପରି ଘୃଣ୍ୟ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଥିଲେ। ଗୋସମ୍ପଦ ରାଷ୍ଟ୍ରର ଶ୍ରେଷ୍ଠ ସମ୍ପଦ ବୋଲି ସେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରଶାନ୍ତ ନାୟକ, ବନମାଳି ବାରିକ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଗଗନ ଚରଣ ପଣ୍ଡା ସଭାପତିତ୍ୱ ଓ ତିହିଡ଼ି ପ୍ରାଣୀ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ଦାସ ମଞ୍ଚ ସଂଯୋଜନା କରିଥିଲେ। ବାସୁଦେବପୁର ପ୍ରାଣୀ ଚିକିତ୍ସାଧିକାରୀ ଡା. ଦେବାଶିଷ ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଏହି ଅବସରରେ ଗୋ ପୂଜନ ସହିତ ଗୋ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ଗାଈ, ବାଛୁରୀଙ୍କ ମଧ୍ୟରୁ ୩ଟି ଗାଈ ଓ ୩ଟି ବାଛୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚିରୋଳ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ ୩ ଜଣଙ୍କୁ ପୁରସ୍କୃତ କରାଯାଇଛି। ଡା. ମହେଶ୍ୱର ପରିଡ଼ା, ଡା. ନିର୍ମଳ ଚନ୍ଦ୍ର ବାରିକଙ୍କ ସମେତ ରାମେଶ୍ୱର ପଣ୍ଡା, ଶରତ ଚନ୍ଦ୍ର ଦାସ, ଉଦୟ ନାରାୟଣ ବେହେରା, ରମାକାନ୍ତ ନାୟକପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

### କ୍ଷୀରଚୋରା ସଙ୍ଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ

## 'ଜୀବନରେ ଶାନ୍ତି ଆଣେ ସଙ୍ଗୀତ'

ରେମୁଣା, ୪।୧୧(ଡି.ଏନ.ଏ.)



ରୌପ୍ୟ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ରେମୁଣାସ୍ଥିତ କ୍ଷୀରଚୋରା ସଂଗୀତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟାରେ ରେମୁଣା ମନ୍ଦିର ଛକ ନିକଟରେ ଅନୁଷ୍ଠିତ ହୋଇଛି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମାରୋହକୁ ଉଦ୍‌ଘାଟନ କରି ସଂଗୀତ ମଣିଷ ଜୀବନରେ ଶାନ୍ତି ଓ ସରସତା ଭରୁଥିବାର ଏହାକୁ କଳୁଷିତ ନ କରିବାକୁ ପରାମର୍ଶ ଦେଇଥିଲେ।

କ୍ଷୀରଚୋରା ସଙ୍ଗୀତ ମହାବିଦ୍ୟାଳୟର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଭାରତୀୟ କବିତା ଓ ସଂଗୀତକୁ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ରେମୁଣା ବ୍ଲକ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁମନ୍ତ ଦେ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ପ୍ରଫେସର ଡ. ଜଗନ୍ନାଥ କୁଅଁର, ବରିଷ୍ଠ କଣ୍ଠଶିଳ୍ପୀ ମହାପାତ୍ର ମିନତୀ ଭଞ୍ଜ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ବିଶ୍ୱାଳ, ଅଭ୍ୟର୍ଥନା କମିଟି ସଭାପତି ସରୋଜ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରଜତ ଜୟନ୍ତୀ ବିଶେଷାଙ୍କ 'ସଂଗୀତା' ଉନ୍ମୋଚିତ ହୋଇଥିଲା ଏବଂ କୃତିତ୍ୱ ପାଇଁ ଅନେକ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ଓ ସମ୍ପାଦକ ଗୁରୁ ବନମାଳୀ ଜେନା ପ୍ରାକ୍ କଥନ ରଖିଥିବା ବେଳେ ଉପସଭାପତି ପ୍ରଦୀପ କୁମାର ମିଶ୍ର ବିବରଣୀ ପାଠ କରିଥିଲେ। ରୌପ୍ୟ ଜୟନ୍ତୀ ଅବସରରେ ୨୫ଟି ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ଯୋଗେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ମନୋରଞ୍ଜନ ବାରିକ, ରମେଶ ଚନ୍ଦ୍ର ରଣା, ବିଶ୍ୱରଞ୍ଜନ ଜେନା, ରଶ୍ମିତା ଜେନା, ନରେନ୍ଦ୍ର ସେଠୀ, ଜ୍ୟୋତିରଞ୍ଜନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟଭାମା ମୁଦୁଲି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ପିଲାଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଭେଟିଲା ପ୍ରଶାସନ

ବନ୍ତ,୪।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ଗ୍ରାମର ସୁରେଶ ଦ୍ୱିବେଦୀଙ୍କ ଦିବ୍ୟାଙ୍ଗ ଝିଅ ତଥା ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ(୧୩)ଙ୍କ ପ୍ରମାଣପତ୍ରରେ

**ପ୍ରମାଣପତ୍ରରେ ତ୍ରୁଟି ଘଟଣା**

ତ୍ରୁଟି ଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରମାଣପତ୍ରରେ ତ୍ରୁଟି ଯୋଗୁ ବର୍ଷା ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ସମ୍ପର୍କରେ ଗତ ୨୬ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସୋମବାର ବ୍ଲକ ପ୍ରଶାସନ ଛାତ୍ରୀ ବର୍ଷାରାଣୀଙ୍କୁ ଭେଟିଛି। ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କ୍ଲଷ୍ଟର ସଂଯୋଜକ ହୃଦାନନ୍ଦ ପାଢ଼ୀ, ପିପୁଲ୍ ଆକ୍ସନ ଗ୍ରୁପର ପୀତବାସ ସାହୁ ଓ ପୂର୍ଣ୍ଣଚନ୍ଦ୍ର ସେଠୀ ବର୍ଷାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ମଙ୍ଗଳବାର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ନେଇ ସେଠାରେ କିପରି ଅନ୍‌ଲାଇନ ମାଧ୍ୟମରେ ଦୁଇମାସ ମଧ୍ୟରେ ନୂଆ ପ୍ରମାଣପତ୍ର ପ୍ରଦାନ କରାଯାଇପାରିବ ସେ ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ହରିନାରାୟଣ ମହାନ୍ତି, ଛାତ୍ରୀଙ୍କ ବାପା ସୁରେଶ ଦ୍ୱିବେଦୀଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ।



ଦିବ୍ୟାଙ୍ଗ ଛାତ୍ରୀ ବର୍ଷାଙ୍କୁ ଭେଟିଥିବା ଅଧିକାରୀ ଓ ପରିବାର ଲୋକେ।

## ସଂକ୍ଷେପରେ

### ନାବାଳିକା ମୃତ୍ୟୁ ଘଟଣା: ଯୁବକଙ୍କୁ ଉଠାଇ ନେଲା ପୋଲିସ

**ଧାମନଗର, ୪।୧୧ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ଅର୍ଜୁନପୁର ସ୍ଥିତ ପୋଲ ନିକଟରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିବା ନାବାଳିକାଙ୍କ କଟକ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ଯାଜପୁର ମଙ୍ଗଳପୁର ଥାନା ପୋଲିସ ସୋମବାର ଧାମନଗର ହବିବନଗରରୁ ଜଣେ ଯୁବକଙ୍କୁ ଉଠାଇ ନେଇ ଅଟକ ରଖିଛି।

ଉଲ୍ଲେଖନୀୟ ଯେ, ମଙ୍ଗଳପୁର ଥାନା ଅଞ୍ଚଳର ଉକ୍ତ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଗତ ଶନିବାର ତାଙ୍କୁ ଗୁରୁତର ଅବସ୍ଥାରେ ଅର୍ଜୁନପୁର ପୋଲ ନିକଟରୁ ଉଦ୍ଧାର କରାଯାଇ ପ୍ରଥମେ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଭଦ୍ରକ ଓ କଟକ ସ୍ଥାନାନ୍ତର କରାଯାଇଥିଲା। ରବିବାର କଟକରେ ନାବାଳିକାଙ୍କ ମୃତ୍ୟୁ ଘଟିବା ପରେ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ମଙ୍ଗଳପୁର ଥାନାରେ ମାମଲା ରୁଜୁ ହୋଇଛି। ମଙ୍ଗଳପୁର ପୋଲିସ ଧାମନଗର ପୋଲିସ ସହଯୋଗରେ ଉକ୍ତ ଯୁବକଙ୍କୁ ଥାନାକୁ ନେଇଛି।

### ମୋରମ ଚାଲାଣ ବେଳେ ୪ ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ

**ପାଟଣା,୪।୧୧(ସ୍ୱ.ପ୍ର.):** ରବିବାର ବିଳମ୍ବିତ ରାତିରେ ବେଆଇନ ମୋରମ ଚୋରା ଚାଲାଣ ହେଉଥିବା ଖବର ପାଇ କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ଚଢାଉ କରି ୪ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରିଛି। ପୋଲିସକୁ ଦେଖି ଘଟଣା ସ୍ଥଳରୁ ଆଉ ଦୁଇଟି ଗାଡି ଫେରାର ହୋଇଯାଇଥିବା ସୂଚନା ମିଳିଛି। ପାଟଣା ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ଓ ଏସଆଇ ତ୍ରୈଲୋଚନ ସିଂ ପ୍ରମୁଖ ସଦଳବଳ ଏହି ଚଢାଉ କରିଥିଲେ। ଜବତ ଗାଡିକୁ ଥାନା ପରିସରରେ ରଖାଯାଇଛି। ଏ ସମ୍ପର୍କରେ ସାହାରପଡ଼ା ତହସିଲଦାର ଲମ୍ବୋଦର ଖୁଣ୍ଟିଆଙ୍କୁ ପଚାରିବାରୁ କହିଛନ୍ତି, ଚୋରା ମୋରମ ଚାଲାଣରେ ସମ୍ପୃକ୍ତ ଥିବା ଗାଡି ମାଲିକଙ୍କୁ ନୋଟିସ ଜାରି କରାଯାଇଛି। ସେମାନେ ହାଜର ହେଲେ ଜରିମାନା ଆଦାୟ କରାଯିବ।

### ଜଳିଗଲା ଦୋକାନ

**ବନ୍ତ,୪।୧୧(ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ବଜାରରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଏକ ଦୋକାନ ଜଳିଯାଇଛି। ବଜାରର କେସିଭିଏମ୍ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଏକ ଆଜବେଷ୍ଟସ ଘରେ ପୁରୁଷଣ୍ଡ ଗ୍ରାମର ଭରତ କୁମାର ସାହୁ ନାମକ ବ୍ୟକ୍ତି ପାନ ଦୋକାନ କରିଥିଲେ। ରବିବାର ରାତିରେ ସେ ଦୋକାନ ବନ୍ଦ କରି ଯିବା ପରେ ଅଗ୍ନିକାଣ୍ଡ ଘଟି ସମସ୍ତ ଜିନିଷ ପୋଡ଼ିଯାଇଛି। ଆଗରପଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ଭଦ୍ରକ କଲେଜରେ ଛାତ୍ର ଅଶାନ୍ତି

- ■ କ୍ଲାସ ବର୍ଜନ କରି ଧାରଣାରେ ବସିଲେ
- ■ ବିଭିନ୍ନ ଦାବି ପୂରଣରେ ଅବହେଳା ଅଭିଯୋଗ
- ■ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ



କଲେଜ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

**ଭଦ୍ରକ ଅଫିସ, ୪।୧୧**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟା ସମାଧାନ ଦାବି ପୂରଣ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ କରି ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଶତାଧିକ ଛାତ୍ରୀଛାତ୍ର କ୍ଲାସ ବର୍ଜନ କରି କଲେଜ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ମୁଖ୍ୟତଃ ପୂର୍ତ୍ତ ବିଭାଗ, ଜିଲା ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ପୂର୍ବାହ୍ନ ପ୍ରାୟ ୧୦ଟାରୁ ୨ ଘଣ୍ଟା ଧରି ଏହି ଆନ୍ଦୋଳନ କରାଯାଇଥିଲା। ବିଭିନ୍ନ ହଷ୍ଟେଲକୁ ଯାତାୟାତ ପାଇଁ ବ୍ୟବସ୍ଥା ନ ଥିବା, ହଷ୍ଟେଲଗୁଡ଼ିକର ମରାମତି କରାଯିବା, ନୂତନ ସାଇକେଲ ଷ୍ଟାଣ୍ଡ ନିର୍ମାଣ, ଶୌଚାଳୟ ଓ ଭଙ୍ଗା ଛାତର ମରାମତି ଏହିଭଳି ବିଭିନ୍ନ ଦାବି ଦୀର୍ଘବର୍ଷ ଧରି ହୋଇଆସୁଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ୨ ଘଣ୍ଟା ଆନ୍ଦୋଳନ ପରେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି କଲେଜର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସୋର ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଜିଲାପାଳ

**ସୋର, ୪।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୋମବାର ସୋର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଅଚାନକ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ମ୍ୟୁନିସିପାଲିଟି ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ୱାର୍ଡର ଲୋକଙ୍କ ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପକୁ ପ୍ରାଧାନ୍ୟ ଦେଇ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ବେଳେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ପଣ୍ଡା ମୁଖ୍ୟ କିରାଣି ବଂଶୀଧର ବାରିକଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଥାନା ଘେରକା ଭାଙ୍ଗି ଖସିଗଲେ, କାବୁ କଲା ପୋଲିସ

**ଭଦ୍ରକ ଅଫିସ, ୪।୧୧**

ଭଦ୍ରକ ଟାଉନ ଥାନା ଘେରକା ଭାଙ୍ଗି ଅଟକ ୨ ଲୁଟେରା ସୋମବାର ଅପରାହ୍ନରେ ଖସି ପଳାଇଥିଲେ। ପୋଲିସ ପିଛା କରି କିଛି ସମୟ ପରେ ଜଣେ ଲୁଟେରାଙ୍କୁ ନରିପୁର ଗଳି ଓ ଅନ୍ୟ ଜଣେ ଲୁଟେରାଙ୍କୁ ଓଟି ମାର୍କେଟ୍ ନିକଟରୁ କାବୁ କରିଛି। ସୂଚନା ଅନୁଯାୟୀ, ଭଦ୍ରକ କାଳୀପୂଜାରେ ଏହି ୨ ଲୁଟେରା ମହିଳାଙ୍କ ବେକରୁ ସୁନାଚେନ୍ ଲୁଟୁଥିଲେ। ରବିବାର ରାତିରେ ୨ଜଣ ଚେନ୍ ଲୁଟୁଥିବା ନେଇ ଅଭିଯୋଗ ହୋଇଥିଲା। ସୋମବାର ପୋଲିସ ସେମାନଙ୍କୁ କାବୁ କରି ଥାନାରେ ଅଟକ ରଖିଥିଲା। ଥାନାରେ କାର୍ଯ୍ୟରତ ପୋଲିସଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଦୁହେଁ ଘେରକା ଭାଙ୍ଗି ବ୍ଲକ କଲୋନୀ ପାଚେରୀ ଓ ଫାଟକ ଡେଇଁ ଦୌଡ଼ି ପଳାଇଥିଲେ। ଏହି କଥା ଜାଣିପାରି ପୋଲିସ ପିଛାକରି ସେମାନଙ୍କୁ ଧରିଥିଲା। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।


ଜଣେ ଲୁଟେରାଙ୍କୁ ପୋଲିସ କାବୁ କରି ଆଣୁଛି।

ଫଗୁଣା ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର ଘଟଣା

# ୧୯ରେ ହାଜର ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଖଇରା, ୪।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ପଞ୍ଚାୟତର ଫଗୁଣା ଗ୍ରାମର ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଶିକ୍ଷାଧିକାରୀମାନେ ପ୍ରାଥମିକ ବିଦ୍ୟାଳୟକୁ ଶିବ ପ୍ରସାଦ ଉ.ପ୍ରା ବିଦ୍ୟାଳୟରେ ମିଶ୍ରଣ କରିଛନ୍ତି। ଏହା ପ୍ରତିବାଦରେ ଗ୍ରାମବାସୀ ଉଚ୍ଚ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ମାମଲା(ଡବ୍ଲ୍ୟୁପି(ସି)୧୭ ଅକ୍ଟୋବର ୧୫ତାରିଖରେ ତାଙ୍କର ରାୟ ପ୍ରକାଶ କରିଛନ୍ତି। ରାୟ ପ୍ରକାଶ ଦିନ ପ୍ରତିପକ୍ଷ ଉପସ୍ଥିତ ନ ଥିବାରୁ କୋର୍ଟ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ନଭେମ୍ବର ୧୯ତାରିଖରେ ଅଧିକାରୀମାନେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପ୍ରତିପକ୍ଷ ଅଧିକାରୀମାନେ ଅନୁପସ୍ଥିତ ରୁହନ୍ତି ତେବେ କୋର୍ଟ ଏକତରଫା ଭାବେ ଗ୍ରହଣ କରି ରାୟ ପ୍ରଦାନ କରିବେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କ ମତାମତ ନେବାରେ କୋର୍ଟ ଅର୍ଡର ତାଙ୍କ ପାଖକୁ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଚାର କରିବେ ବୋଲି କହିଛନ୍ତି।

# ସରକାରୀ ଅର୍ଥ ଆତ୍ମସାତ୍, ପିଇଓ ନିଲମ୍ବିତ

**ତିହିଡ଼ି, ୪।୧୧ (ଡି.ଏନ.ଏ.)**

**ସରପଞ୍ଚଙ୍କୁ କୈଫିୟତ ତଲବ**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତରେ ଏସ୍ଏଫ୍ସି, ସିଏଫ୍ସି ଯୋଜନାରେ ରାସ୍ତା ଆଲୋକୀକରଣ ପାଇଁ ମିଳିଥିବା ଅନୁଦାନ ଆତ୍ମସାତ୍ କରାଯାଇଛି। ସରକାରୀ ଅର୍ଥ ଆତ୍ମସାତ୍ ନେଇ ତଦନ୍ତ କରାଯିବା ପରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ରମାକାନ୍ତ ପାଢ଼ୀଙ୍କୁ ନିଲମ୍ବିତ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା କାର୍ଯ୍ୟାଳୟର ତା ୧।୧୧।୧୯ ରିଖ ଚିଠି ନଂ. ୫୮୨ରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିସହ ପଞ୍ଚାୟତର କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସରପଞ୍ଚଙ୍କୁ କୈଫିୟତ ତଲବ କରାଯାଇଛି। ଚିଠି ପାଇବାର ସପ୍ତାହକ ମଧ୍ୟରେ କୈଫିୟତ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଜିଲା କାର୍ଯ୍ୟାଳୟ(ଗ୍ରାମପଞ୍ଚାୟତ ବିଭାଗ)ର ତା ୧।୧୧।୧୯ ରିଖ ଚିଠି ନଂ. ୫୭୯ରେ ଏହି କୈଫିୟତ ତଲବ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଏସ୍ଏଫ୍ସି, ସିଏଫ୍ସି ଅନୁଦାନରେ ପଞ୍ଚାୟତର ବିଭିନ୍ନ ଗ୍ରାମରାସ୍ତା ଆଲୋକୀକରଣ ପାଇଁ ୪ ଲକ୍ଷ ୧୮ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ତେବେ ଏହି ପ୍ରକଳ୍ପ ପାଇଁ ପଲ୍ଲିସଭା କିମ୍ବା ଗ୍ରାମସଭାରେ ରିଜୋଲ୍ୟୁସନ କରାଯାଇ ନ ଥିଲା। ବିଡିଓଙ୍କଠାରୁ ଏହି ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଅନୁମୋଦନ ମଧ୍ୟ ମିଳି ନାହିଁ। ସରପଞ୍ଚ ଏବଂ ପିଇଓ ଯୁଗ୍ମ ଆକାଉଣ୍ଟରୁ ସେଲ୍ଫ ଚେକ୍ ମାଧ୍ୟମରେ ଟଙ୍କା ଉଠାଇ ଠିକାଦାରଙ୍କୁ ପ୍ରଦାନ କରିଛନ୍ତି। ୨୦୧୮ ଅଗଷ୍ଟ ୨୩ଠାରୁ ପଞ୍ଚାୟତ ବୈଠକ ଡକାଯାଇ ନାହିଁ। ଏହାର ତଦନ୍ତ କରାଯିବା ପରେ ୪.୧୮ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ବିଡିଓ ରିପୋର୍ଟ ପ୍ରଦାନ କରିଥିଲେ। ଏହାଛଡ଼ା ଏହି ପ୍ରକଳ୍ପ କାର୍ଯ୍ୟକାରିତାରେ ସରପଞ୍ଚ ଏବଂ ପିଇଓ ପଞ୍ଚାୟତିରାଜ ବିଭାଗର ନିୟମାବଳୀକୁ ଉଲ୍ଲଂଘନ କରିବା ସହ ନିଜ କ୍ଷମତାର ଅପବ୍ୟବହାର କରିଥିବା ଦର୍ଶାଯାଇଛି।


ଜାମୁନାଳିଆ ଜଙ୍ଗଲରେ ହାତୀପଲ।

# ଜାମୁନାଳିଆରେ ପଶିଲେ ୨୨ହାତୀ

**ରାଇସୁଆଁ, ୪।୧୧(ଡି.ଏନ.ଏ.)**

**୨ଶହ ଏକର ଧାନଫସଲ ନଷ୍ଟ**

କେନ୍ଦୁଝର ଜିଲା ସଦର ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବନ ବିଭାଗର ଚିନ୍ତା ବଢାଇଛି। ହାତୀପଲ ଧାନ ଓ ଅନ୍ୟ ଫସଲ ଖାଇବାକୁ ରାତିରେ ଜଙ୍ଗଲତଳି ଇଲାକାକୁ ଆସି ଉପଦ୍ରବ କରୁଥିବାରୁ ଲୋକେ ଆତଙ୍କିତ ହୋଇ ରହୁଛନ୍ତି। ରବିବାର ବିଳମ୍ବିତ ରାତିରେ ୨୨ରୁ ଊର୍ଦ୍ଧ୍ୱ ହାତୀ ଜାମୁନାଳିଆ ଗ୍ରାମରେ ପଶି ପ୍ରାୟ ୨ଶହ ଏକରରୁ ଅଧିକ ଜମିର ଧାନଫସଲ ନଷ୍ଟ କରି ଦେଇଥିବା ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ ଅଞ୍ଚଳକୁ ଚାଲି ଆସିଥିବା ହାତୀପଲର ଉପଦ୍ରବ ଯୋଗୁ ଲୋକେ ରାତି ଉଜାଗର ରହି ଜଗି ବସୁଥିବା କହିଛନ୍ତି। ହାତୀପଲକୁ ଘଉଡାଇବାରେ ବନବିଭାଗ ତତ୍ପରତା ପ୍ରକାଶ କରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାତ୍ରାଧିକ ଜଙ୍ଗଲ କ୍ଷୟ ଯୋଗୁ ସଦର ଅଞ୍ଚଳରେ ଦିନକୁ ଦିନ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ପରିବେଶବିତ୍ମାନେ କହୁଛନ୍ତି। ଏ ଦିଗରେ ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକଙ୍କ ଦାବି ହେଉଛି। ବର୍ତ୍ତମାନ ଏହି ୨୨ ହାତୀ ଜାମୁନାଳିଆ ନିକଟସ୍ଥ ଜଙ୍ଗଲରେ ରହୁଥିବା ଜଣାପଡିଛି।


ଉପଦ୍ରବ ଚଳାଇଥିବା ହାତୀପଲ।

# ଧାନ ଚାଷ ଉଜାଡ଼ିଲେ

**କୁଆମରା,୪।୧୧(ଡି.ଏନ୍.ଏ.)**

ନୀଳଗିରି ରେଞ୍ଜ ଅଧୀନ କୁଲଡିହା ଜଙ୍ଗଲରୁ ୬ ଦିନ ହେଲା ଦନ୍ତା ସମେତ ମୋଟ ସାତଟି ହାତୀ ବାଟବଣା ହୋଇ କୁଆମରା ଫରେଷ୍ଟ ଅଞ୍ଚଳରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ଧାଉଁଡିଆ, ଖିରିପଦା, କଡ଼ଦା ଓ କୁଆମରା ଅଞ୍ଚଳର ବିଭିନ୍ନ ଧାନ ବିଲରେ ପଶିବା ଯୋଗୁ ବ୍ୟାପକ କ୍ଷତି ଘଟିଛି। ଜଙ୍ଗଲ ବିଭାଗ ହାତୀପଲଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଅଞ୍ଚଳ ଛାଡି ଯାଉ ନାହାନ୍ତି। ଶନିବାର ହାତୀପଲ କେଉଁ ଆଡେ ଗାଏବ ହୋଇଯାଇଥିଲେ। ରବିବାର ରାତିରେ ହାତୀପଲ ପୁଣି ଲେଉଟି ଧାନ ବିଲରେ ପଶି ବ୍ୟାପକ ଦଳା ଚକଟା କରିଥିଲେ। ଉଦଳା ଓ ନୀଳଗିରି ବନ ବିଭାଗ କର୍ମଚାରୀ ପହଞ୍ଚି ସେମାନଙ୍କୁ କୁଲଡିହା ଜଙ୍ଗଲକୁ ଘଉଡାଇ ନେଉଥିବା ବେଳେ ନୀଳଗିରି ବ୍ଲକ ପୁନ୍ଦାଳ ଅଞ୍ଚଳର ଲୋକେ ବାଟ ଓଗାଳିବାରୁ ହାତୀପଲ ପୁଣି ଉକ୍ତ ଅଞ୍ଚଳକୁ ଫେରି ଆସିଛନ୍ତି।

# ହାତୀ ଘଉଡ଼ାଇବାକୁ ଯାଇ ବନ ବିଭାଗ ନୟାନ୍ତ

**ସଜନାଗଡ଼, ୪।୧୧(ଡି.ଏନ.ଏ.)**


ଧାନବିଲରେ ହାତୀପଲ ପଶି ନଷ୍ଟ କରୁଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଞ୍ଚଳରେ କୁଲଡ଼ିହା ଅଭୟାରଣ୍ୟର ୬ଟି ହାତୀ ପଶି ଉପଦ୍ରବ ଚଳାଇଛନ୍ତି। ହାତୀପଲ ଯେତିକି ଫସଲ ଖାଉଛନ୍ତି ତାହାଠାରୁ ଅଧିକ ଦଳିଚକଟି ନଷ୍ଟ କରୁଛନ୍ତି।

୩ ମାସରୁ ବେଶି ହେଲାଣି ହାତୀପଲ ବିଭିନ୍ନ ଗ୍ରାମରେ ପଶି ଧାନ ଫସଲ ନଷ୍ଟ କରିଚାଲିଛନ୍ତି। ଏଥିପ୍ରତି ବନ ବିଭାଗର ନଜର ନ ଥିବାବେଳେ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧାରକରଜ କରି ଚାଷୀ ବିହନ ସାର ପକାଇଥିବା ବେଳେ ହାତୀପଲ ସେମାନଙ୍କ ଅଣ୍ଟାକୁ ଭାଙ୍ଗି ଦେଇଛନ୍ତି। ରବିବାର ରାତିରେ ହାତୀପଲ ଅଭୟାରଣ୍ୟରୁ ବାହାରି କାଂଶ, ନରସିଂହପୁର, ଆନିକାପୁର, ଦୁର୍ଗାପୁର ଆଦି ଗ୍ରାମରେ ଏକର ଏକର ଚାଷକ୍ଷେତକୁ ଦଳିଚକଟି ନଷ୍ଟ କରିଛନ୍ତି। ସୋମବାର ନୀଳଗିରି ରେଞ୍ଜର ରୁଦ୍ରାନନ୍ଦ ବାରିକଙ୍କ ନେତୃତ୍ୱରେ ୫୦ରୁ ଅଧିକ କର୍ମଚାରୀ ହାତୀପଲକୁ ଘଉଡ଼ାଇଥିଲେ। ମଧ୍ୟାହ୍ନ ୧୨ଟାରେ ହାତୀପଲ ଗୋପାଳପୁର ସଂରକ୍ଷିତ ଜଙ୍ଗଲକୁ ପଶି ଯାଇଥିଲାବେଳେ ବନ ବିଭାଗ ଆପ୍ରାଣ ଚେଷ୍ଟା ପରେ ବି ହାତୀପଲ ଯାଇ ନ ଥିଲେ। ହାତୀପଲ ଘଉଡ଼ାଇବାରେ ମିତ୍ରପୁର ଫରେଷ୍ଟର ଗଣେଶ ଲେଙ୍କା, ନୀଳଗିରି ଫରେଷ୍ଟର ଦେବରାଜ ରାଉତ, ସଜନାଗଡ଼ ଫରେଷ୍ଟର ସରୋଜ ପ୍ରଧାନ, କୁଲଡ଼ିହା ଫରେଷ୍ଟର ନରେଶ ସିଂ, ଗାର୍ଡ଼ ଦୁଷ୍ମନ୍ତ ଜେନା, ହିମାଂଶୁ ପାଢ଼ୀ ସମେତ ସବୁଜ ବାହିନୀ ସାମିଲ ଥିଲେ।


ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

# ବ୍ଲକ ଘେରିଲେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର

**ବାଙ୍ଗିରିପୋଷି,୪।୧୧(ଡି.ଏନ୍.ଏ.)**

ସ୍ଥାୟୀ ଶିକ୍ଷକ ନିଯୁକ୍ତି ଓ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଆଦି ବିଭିନ୍ନ ଦାବି ନେଇ ସୋମବାର ବାଙ୍ଗିରିପୋଷି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରୀ ଓ ଅଭିଭାବକ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଖବରପାଇ ଜିଲା ଶିକ୍ଷା ଅଧିକାରୀ ଧୃବଚରଣ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବାଙ୍ଗିରିପୋଷି ବିଇଓ ମନମୋହନ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଚଳିତ ମାସ ଶେଷ ସୁଦ୍ଧା ସ୍ଥାୟୀ ଶିକ୍ଷକ ନିଯୁକ୍ତି ଏବଂ ବର୍ତ୍ତମାନ ଅନ୍ୟ ୩ ଜଣ ଶିକ୍ଷକ ଏଠାରେ ପାଠ ପଢାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଲୁହାପଥର ପଡ଼ି ବାଇକ୍ ଆରୋହୀ ଗୁରୁତର

ଯୋଡ଼ା, ୪।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ଦେଇ ଯାଇଥିବା ୫୨୦ନଂ ଜାତୀୟ ରାଜପଥ ରଣାଶାଳ ଘାଟିଠାରେ ସୋମବାର ସନ୍ଧ୍ୟାରେ ଏକ ହାଇୱା ଟ୍ରକର ଚକା ଫାଟିଯିବାରୁ ସେଥିରେ ବୋଝେଇ ହୋଇଥିବା ଲୁହାପଥର ଢାଳିପଡିଥିଲା। ସେତେବେଳେ ବରପଦା ଗ୍ରାମର ଉପେନ୍ଦ୍ର ପଲେଇ ତାଙ୍କ ବାଇକ୍‌ରେ ନିଜ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ତାଙ୍କ ଉପରେ ଲୁହାପଥର ପଡିବାରୁ ସେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଯାଡାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଘରୋଇ କଳିରୁ ମହିଳାଙ୍କ ଆତ୍ମହତ୍ୟା

ହାଟଡ଼ିହୀ, ୪।୧୧ (ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ବାଙ୍ଗୋର ପଞ୍ଚାୟତରେ ନାମ୍ନୀ ଜଣେ ମହିଳା ବିଷ ପିଇ ମୃତ୍ୟୁ ବରଣ କରିଛନ୍ତି। ଗତ ରବିବାର ମହିଳା ଜଣଙ୍କ ବିଷ ପିଇଦେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ସୋସୋ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଘରୋଇ କଳିକୁ କେନ୍ଦ୍ର କରି ଏଭଳି ଆତ୍ମହତ୍ୟା ଘଟିଥିବା ସୂଚନାକୁ ଆଧାର କରି ପୋଲିସ ତଦନ୍ତ ଚଳାଇଛି। ମହିଳାଙ୍କ ବାପ ଘର ଘଷିପୁରା ଥାନା ମିରିଗିମୁଣ୍ଡି ଗ୍ରାମରେ ବୋଲି ପୋଲିସ କହିଛି।

### ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଯୋଡ଼ା, ୪।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କୋହ୍ଲ ହୁଣ୍ଡୁଳା ଗ୍ରାମରେ ସୋମବାର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ ୨୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ଏହି ସୂଚନା ଦେଇ କହିଛନ୍ତି, କୋହ୍ଲ ହୁଣ୍ଡୁଳା ଗ୍ରାମର ଗହ୍ମା ମୁଣ୍ଡା(୨୭)ଗ୍ରାମ ନିକଟରେ ଥିବା ଏକ ଗଛରେ ବେକରେ ନିଜ ଗାମୁଛାକୁ ବାନ୍ଧି ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ଦେଖିଥିଲେ। ସେମାନେ ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆତ୍ମହତ୍ୟା ଘଟଣାର ସତ୍ୟାସତ୍ୟ ଜଣାପଡିବ ଏବଂ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ବିଶ୍ୱାଳ କହିଛନ୍ତି।

### ଗାଁରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ହାଟଡିହୀ,୪।୧୧ (ଡ଼ି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପନ୍ଦାଡୋ ଅଞ୍ଚଳର ଜଣେ ଯୁବକ ରବିବାର ରାତିରେ ଗ୍ରାମବାସୀଙ୍କୁ ଧମକଚମକ ଦେବା ସହ ଗାଳିଗୁଲଜ କରିଥିଲେ। ତାଙ୍କର ଏଭଳି ଉନ୍ମତ୍ତକାଣ୍ଡ ଗ୍ରାମରେ ଉତ୍ତେଜନା ସୃଷ୍ଟି କରିଥିଲା। ପରେ ଗ୍ରାମବାସୀ ଏକଜୁଟ୍ ହୋଇ ଏ ନେଇ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଆଇଆଇସି ମାନସ ସ୍ୱାଇଁ କହିଛନ୍ତି।

# ବିଶ୍ୱର ସର୍ବୋଚ୍ଚ ରଥ 'ନନ୍ଦିଘୋଷ' ଅସୁରକ୍ଷିତ

## ଖରା, ବର୍ଷା, କାକର ଖାଇ ହୋଇପଡୁଛି ଜରାଜୀର୍ଣ୍ଣ, ଧୋଇ ଯାଉଛି ରଙ୍ଗ



କେନ୍ଦୁଝରର ଶ୍ରୀ ବଳଦେବଜୀଉଙ୍କ ରଥ।

କେନ୍ଦୁଝର ୨।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ୭୨ ଫୁଟ ଉଚ୍ଚତା ବିଶିଷ୍ଟ କାଠ ତିଆରି 'ନନ୍ଦିଘୋଷ' ବିଶ୍ୱର ସର୍ବୋଚ୍ଚ ରଥର ମାନ୍ୟତା ଲାଭ କରି ଜିଲାବାସୀଙ୍କ ଲାଗି ଗୌରବ ଆଣିଛି। ୨୦୧୮ ମସିହା ଡିସେମ୍ବରରେ ଗ୍ଲୋବାଲ ରେକର୍ଡସ ଏଣ୍ଡ ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ଏହା ସର୍ବୋଚ୍ଚ ରଥ ଭାବରେ ପ୍ରମାଣପତ୍ର ମିଳିଥିଲା। ବର୍ତ୍ତମାନ ଏହା ଗିନିଜ ବୁକ ଅଫ୍ ଓାଲଡ ରେକର୍ଡ ପାଇବା ଅପେକ୍ଷାରେ ରହିଛି। ପ୍ରତିବର୍ଷ ରଥଯାତ୍ରା ବେଳେ ଏହି ରଥ ଚର୍ଚ୍ଚାକୁ ଆସିଥାଏ। କିନ୍ତୁ ରଥଯାତ୍ରା ସରିଗଲେ ଏହା ସତେ ଯେମିତି ଅଲୋଡା ହୋଇପଡେ। ଖୋଲା ସ୍ଥାନରେ ଏହା ଖରା, ବର୍ଷା, କାକର ଖାଇ ଏହା ଜରାଜୀର୍ଣ୍ଣ ହୋଇ ପଡୁଥିଲେ ବି ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଏ ନେଇ ଶ୍ରଦ୍ଧାଳୁଙ୍କ ସମେତ ଜିଲାବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ବିଶ୍ୱର ଏହି ସର୍ବୋଚ୍ଚ ରଥକୁ ଦେଖିବା ଲାଗି ବିଭିନ୍ନ ସମୟରେ ଏଠାକୁ ପର୍ଯ୍ୟଟକମାନେ ମଧ୍ୟ ଆସିଥାନ୍ତି। ଏଣୁ ଏହାକୁ ସୁରକ୍ଷିତ ଅବସ୍ଥାରେ ରଖାଗଲେ ସେମାନେ ଭଲଭାବେ ଏହାକୁ ନିରୀକ୍ଷଣ କରିପାରନ୍ତେ। ବିଭିନ୍ନ ସମୟରେ ଏଥିଲାଗି ଦାବି ହେଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରି ଆସୁଛି। କାଠରେ ନିର୍ମିତ ଏହି ରଥକୁ କେବଳ ରଥଯାତ୍ରା ସମୟରେ ମରାମତି କରାଯାଇଥାଏ। ଶ୍ରୀଜୀଉଙ୍କୁ ରଥାରୁଢ କରି ହଜାର ହଜାର ଭକ୍ତ ବଡ ଦାଣ୍ଡରେ ମାଉସୀମା' ମନ୍ଦିରକୁ ଟାଣି ନେଇଥାନ୍ତି। ବାହୁଡା ଯାତ୍ରା ସମୟରେ ପୁଣି ରଥକୁ ଟାଣି ଆଣି ଶ୍ରୀ ବଳଦେବଜୀଉ ମନ୍ଦିର ନିକଟସ୍ଥ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଏ। ରଥ ରହୁଥିବା ସ୍ଥାନ ଉନ୍ମୁକ୍ତ ଥିବାରୁ ଅବାଧରେ ବୁଲା ଗୋରୁଗାଇ, କୁକୁର ସେଠାକୁ ପ୍ରବେଶ କରି ପରିବେଶକୁ ଅପରିଷ୍କାର କରିଦେଉଛନ୍ତି। ଏହା ଲୋକଙ୍କ ଭାବାବେଗରେ ଆଘାତ ପହଞ୍ଚାଉଥିବାରୁ ବିଭିନ୍ନ ସମୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ପରିବେଶବିତ ରମେଶ ଚନ୍ଦ୍ର ମିଶ୍ର କହିଛନ୍ତି ଯେ, ଶ୍ରୀ ବଳଦେବଜୀଉଙ୍କ ରଥକୁ ସୁରକ୍ଷିତ ରଖା ଗଲେ ରଥଯାତ୍ରା ସମୟରେ ମରାମତି ପାଇଁ ଅଧିକ କାଠର ଆବଶ୍ୟକ ପଡିବ ନାହିଁ। ଏବେ ଖରାବର୍ଷା ଯୋଗୁଁ ରଥରେ ଲାଗିଥିବା କାଠ ନଷ୍ଟ ହେବା ସହ ରଙ୍ଗ ଧୋଇହୋଇ ଅସୁନ୍ଦର ଦେଖାଯାଉଛି। ଏହା ନିକଟକୁ ଲୋକେ ଅବାଧରେ ଯାତାୟତ କରବା ଏବଂ ନିକଟରେ ପରିବା ବଜାର ବସୁଥିବାରୁ ଏହା ଅଧିକ ଅସୁରକ୍ଷିତ ହୋଇ ପଡୁଥିବା ଶ୍ରଦ୍ଧାଳୁମାନେ କହିଛନ୍ତି। ଏଣୁ ରଥ ରହିଥବବା ସ୍ଥାନର ଚାରିପାଖରେ ବାରିକେଡ କରାଯାଇ ଆଲୋକ ବ୍ୟବସ୍ଥା କରାଗଲେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ ବୋଲି ବରିଷ୍ଠ ଆଇନଜୀବୀ ନିମାଇ ଚରଣ ଦାସ କହିଛନ୍ତି। ସ୍ଥାନୀୟ ବରିଷ୍ଠ ସାହିତ୍ୟିକ ରାମକୃଷ୍ଣ ମହାପାତ୍ର ମଧ୍ୟ ଅନୁରୂପ ମତବ୍ୟକ୍ତ କରିଛନ୍ତି। ଏସମ୍ପର୍କରେ ଉପଜିଲାପାଳ ତଥ ଦେବୋତ୍ତର ବିଭାଗ। ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ ରଥର ସୁରକ୍ଷା କରିବା ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ପ୍ରେମିକ ଘରୁ ପ୍ରେମିକାଙ୍କ ମୃତଦେହ ଉଦ୍ଧାର ପରେ ପୋଲିସର ତନାଘନା

**■ ହତ୍ୟା ଅଭିଯୋଗ ଆଣିଲେ ମୃତା ଯୁବତୀଙ୍କ ମା'**

ଆନନ୍ଦପୁର, ୪।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଶାଳବଣୀ ପଞ୍ଚାୟତର ପଣ୍ଡୁଆ ଗ୍ରାମରେ ପ୍ରେମିକଙ୍କ ଘରୁ ପ୍ରେମିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରି ପୋଲିସ ତନାଘନା ଜାରି ରଖିଛି। ମୃତା ଯୁବତୀଙ୍କ ମା' କୁନ୍ତଳା ଦାସ ଏହା ଏକ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡା ଓ ଆନନ୍ଦପୁର ଥାନା ଅଧିକାରୀ ଗଗନ ବିଶ୍ୱାଳ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଏହାର ତଦନ୍ତ କରି ଫେରିଛନ୍ତି। ଆନନ୍ଦପୁର ପୋଲିସ ପ୍ରଥମେ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୪/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ସାଇଣ୍ଟିଫିକ୍ ଟିମ୍ ଓ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ଆନନ୍ଦପୁର ପୌରପରିଷଦ ୩ନଂ ୱାର୍ଡର ସ୍ନେହଲତା ଦାସ(୨୮) ଓ ପଣ୍ଡୁଆ ଗ୍ରାମର ଅକ୍ଷୟ ନାଇକ(୩୨) ପରସ୍ପରକୁ ଭଲ ପାଉଥିଲେ। ସ୍ନେହଲତା ଅନେକ ସମୟରେ ଆସି ପ୍ରେମିକ ଅକ୍ଷୟଙ୍କ ଘରେ ରହୁଥିଲେ। ତେବେ ଦେଢମାସ ପୂର୍ବରୁ ସେ ଘରୁ ଚାଲି ଆସି ଅକ୍ଷୟଙ୍କ ଘରେ ରହି ଆସୁଥିଲେ। ଏହାମଧ୍ୟରେ ସ୍ନେହଲତାଙ୍କ ମା' ଝିଅକୁ ବିବାହ କରାଇବାକୁ ଅକ୍ଷୟଙ୍କ ପରିବାରକୁ କହିଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ରାତିରେ ସ୍ନେହଲତା ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ସ୍ନେହଲତାଙ୍କ ମା' ଝିଅର ମୃତ୍ୟୁରେ ସନ୍ଦେହ ପ୍ରକାଶ କରି ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସରେ ଅଭିଯୋଗ କରିଥିଲେ। ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ଥାନା ପକ୍ଷରୁ କୁହାଯାଇଛି।

# 'ମୋ ସ୍ୱାମୀଙ୍କୁ ଫେରାଇ ଆଣ'

## ଜିଲା ପ୍ରଶାସନର ଦ୍ୱାରସ୍ଥ ମହିଳାଙ୍କ କରୁଣ ନିବେଦନ

କେନ୍ଦୁଝର, ୪।୧୧ (ସ୍ୱ.ପ୍ର.)



ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ସ୍ତ୍ରୀ ହୀରାମଣି ଝରା ଓ ତାଙ୍କ ପୁଅ।

କେନ୍ଦୁଝର ସଦର ବ୍ଲକ ଡିମ୍ବୋ ପଞ୍ଚାୟତ ଗ୍ରାମର ବଂଶୀଧର ଝରା ବାହାରକୁ କାମଧନ୍ଦା କରିବାକୁ ଯାଇ ଦୀର୍ଘ ପ୍ରାୟ ୮ ମାସ ହେବ ନିଖୋଜ ରହିଛନ୍ତି। ତାଙ୍କର କୌଣସି ପତ୍ତା ମିଳୁ ନାହିଁ। ଏଭଳି ସ୍ଥିତିରେ ତାଙ୍କ ପତ୍ନୀ ଓ ପୁଅ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ସହାୟତା ଲୋଡିଛନ୍ତି।

ବଂଶୀଧରଙ୍କ ପତ୍ନୀ ହୀରାମଣୀ ଝରା ତାଙ୍କ ପୁଅକୁ ଧରି ସୋମବାର କେନ୍ଦୁଝର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି 'ମୋ ସ୍ୱାମୀଙ୍କୁ ଖୋଜି ଆଣି ଦିଅ ବୋଲି ଆକୁଳ ନିବେଦନ କରିଥିଲେ। ସେ ଦର୍ଶାଇଥିଲେ ଯେ ବଂଶୀଧରଙ୍କ ବାହାରେ କାମଧନ୍ଦା କରିବା ଲାଗି ଜଣେ ବ୍ୟକ୍ତ ଡାକି ନେଇଥିଲେ। ତାଙ୍କ ବିରୋଧରେ ସେ ଲିଖିତ ଅଭିଯୋଗ କରି ଥିଲେ ମଧ୍ୟ ପୋଲିସ ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସମ୍ପୃକ୍ତ ବ୍ୟକ୍ତଙ୍କୁ ପଚାରିଲେ ସେ ଗାଳିଗୁଲଜ କରିବା ସହିତ ନାନା ଧମକଚମକ ଦେଉଛନ୍ତି। ନିଖୋଜ ବଂଶୀଧର ଏବେ କେଉଁଠି ଅଛନ୍ତି ଓ କିପରି ଅବସ୍ଥାରେ ଅଛନ୍ତି ତାହାକୁ ନେଇ ପରିବାର ଲୋକ ଚିନ୍ତାରେ ଦିନ ବିତାଉଛନ୍ତି। ସେମାନେ ସହାୟତା ପାଇ ସବୁସ୍ତରରେ ଉଦ୍ୟମ କରି ଶେଷରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଥିଲେ।

# ମିଟିଂ ପାଇଁ ଅଙ୍ଗନୱାଡି କେନ୍ଦ୍ର ବନ୍ଦ: ଘରକୁ ଫେରିଲେ ଛାତ୍ରୀଛାତ୍ର

ଚମ୍ପୁଆ, ୪।୧୧(ଡି.ଏନ.ଏ.)



ବନ୍ଦ ରହିଛି ଅଙ୍ଗନୱାଡି କେନ୍ଦ୍ର।

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ମିଟିଂ ପାଇଁ ସମସ୍ତ ଅଙ୍ଗନୱାଡି ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ପିଲାମାନେ ଅଙ୍ଗନୱାଡି କେନ୍ଦ୍ରକୁ ଆସି ତାଲା ପଡିଥିବା ଦେଖି ଘରକୁ ଫେରି ଯାଇଥିଲେ। ତେବେ କେଉଁ କାରଣରୁ ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବା ସମୟରେ ମିଟିଂ କରାଗଲା ଏବଂ ପିଲାଙ୍କୁ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ କରାଗଲା ସେ ନେଇ ଅଭିଭାବକମାନେ ପ୍ରଶ୍ନ ପଠାଇଛନ୍ତି।

ସୂଚନା ଅନୁସାରେ ଆଇସିଡିଏସ୍ ବିଭାଗ ପକ୍ଷରୁ ସୋମବାର ନଗର ଭବନଠାରେ ଚମ୍ପୁଆ ବ୍ଲକରେ ଥିବା ସମସ୍ତ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସହାୟିକାଙ୍କୁ ନେଇ ଏକ ବୈଠକ ବସିଥିଲା। ଏହି ବୈଠକ ଲାଗି ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଥିଲା। ଅଙ୍ଗନୱାଡିରେ ପଢୁଥିବା ଶିଶୁମାନେ ପୂର୍ବ ସୂଚନା ପାଇ ନ ଥିବାରୁ କେନ୍ଦ୍ରକୁ ଆସି ତାଲା ପଡିଥିବା ଦେଖି ଘରକୁ ଫେରିବା ଘଟଣା ନେଇ ଅଭିଭାବକମାନେ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଏ ନେଇ ଭାରପ୍ରାପ୍ତ ଉପଜିଲାପାଳ ଆଲୋକ କୁମାର ପଟେଲଙ୍କୁ ପଚାରିବାରୁ କହିଛନ୍ତି, ତାଙ୍କୁ ଏ ବିଷୟରେ କିଛି ସୂଚନା ମିଳିନାହିଁ। ଏପରି ହେବା କଥା ନୁହଁ। ଏ ନେଇ ସେ ବିଭାଗୀୟ ଅଧିକାରୀଙ୍କୁ ପଚାରି ଅନୁଧ୍ୟାନ କରିବେ। ତେବେ ଏ ନେଇ ଅନ୍ୟ କୌଣସି ଅଧିକାରୀ ମୁହଁ ନ ଖୋଲିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ରାସ୍ତା ଅବରୋଧକୁ ହଟାଇ ପାରୁନି ପ୍ରଶାସନ

**ଜିଲାପାଳଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ**

କେନ୍ଦୁଝର, ୪।୧୧(ଡି.ଏନ୍.ଏ.)

କେନ୍ଦୁଝର ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତ ହର୍ଷପୁର ଗ୍ରାମ ରାସ୍ତା ଅବରୋଧକୁ ବିରୋଧ କରି ସୋମବାର ଗ୍ରାମବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତା ଅବରୋଧକାରୀଙ୍କୁ ତୁରନ୍ତ ହଟାଇ ଜନସାଧାରଣଙ୍କ ଯାତାୟାତ ସୁବିଧା କରିବାକୁ ସେମାନେ ଦାବି କରିଛନ୍ତି। ଗ୍ରାମବାସୀ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପୂର୍ବରୁ ଏହି ଗ୍ରାମ ରାସ୍ତା ଦେଇ ବଡ଼ ଗାଡ଼ିମୋଟର ଯାତାୟାତ କରିପାରୁଥିଲା। ଏବେ କେତେକ ବ୍ୟକ୍ତି ରାସ୍ତାର କିଛି ଅଂଶକୁ ନିଜ ଜମି ଦର୍ଶାଇ ଏହାକୁ ଅକ୍ତିଆର କରି ନେଇଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହୋଇପଡିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ବର୍ତ୍ତମାନ ଆମ୍ବୁଲାନ୍ସ ଗାଁ ଭିତରକୁ ଯିବା କଷ୍ଟକର ହୋଇପଡୁଛି। ଏବାବଦରେ ପୂର୍ବରୁ ଜିଲା ପ୍ରଶାସନକୁ ଅନେକ ଥର ଅବଗତ କରାଯାଇଥିଲା। ଗତ ଅଗଷ୍ଟ ୧୮ ତାରିଖ ସୁଦ୍ଧା ଜବରଦଖଲକାରୀଙ୍କୁ ହଟାଇ ଦିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାମଧ୍ୟରେ ଅନେକ ଦିନ ବିତିଯାଇଥିଲେ ବି ରାସ୍ତାକୁ ଜବରଦଖଲମୁକ୍ତ କରାଯାଇପାରୁ ନାହିଁ। ଫଳରେ ଲୋକଙ୍କ ଯିବା ଆସିବା ସମସ୍ୟାର ପ୍ରତିକାର ହୋଇ ପାରୁ ନାହିଁ। ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଗୋପୀନାଥପୁର ସରପଞ୍ଚ ପୁଷ୍ପାଞ୍ଜଳି ମୁର୍ମୁ, ଗ୍ରାମର ୱାର୍ଡମେମ୍ବର ସନ୍ଧ୍ୟାରାଣୀ ସାହୁ, ୱାର୍ଡମେମ୍ବର ରାଜକିଶୋର ନାଏକଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା କହିଛନ୍ତି।

## ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ଅଭିଯୁକ୍ତଙ୍କୁ ୧ବର୍ଷ ସଶ୍ରମ ଜେଲ

ଚମ୍ପୁଆ, ୪।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର କରଞ୍ଜିଆ ଖେଳ ପଡିଆଠାରେ ଗତବର୍ଷ ମେ ୧୧ତାରିଖରେ ମୋଟର ସାଇକେଲ ଦୁର୍ଘଟଣାରେ ରଷିବର ମହାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦ୍ରୁତଗତିରେ ମୋଟରସାଇକେଲ ଚାଳନା କରି ଦୁର୍ଘଟଣା ଘଟାଇଥିବା ଅଭିଯୋଗ ସଂକ୍ରାନ୍ତ ମାମଲାର ବିଚାର କରି ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ଅଭିଯୁକ୍ତ ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବା ସହିତ ୧ ହଜାର ଟଙ୍କା ଜରିମାନା କରିଛନ୍ତି। ୧୦ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତର ରିପୋର୍ଟକୁ ଭିତ୍ତିକରି ଏହି ଦଣ୍ଡାଦେଶ ଦିଆଯାଇଛି। ତଦନ୍ତକାରୀ ଅଧିକାରୀ ମହିଳା ସବ୍‌ଇନ୍ସପେକ୍ଟର ପଦ୍ମାବତୀ କପାଟ ଏହି ମାମଲାରେ ୩୦୪ ଦଫାରେ ଚାର୍ଜସିଟ୍ ଦାଖଲ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ

ରାଇସୁଆଁ, ୪।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ପଳାଶପଙ୍ଗା ନିକଟରେ ରବିବାର ସକାଳେ ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି। ତାଙ୍କୁ ସ୍ଥାନୀୟ ଜନସାଧାରଣ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚାଳକଙ୍କ ପରିଚୟ ମିଳିପାରି ନାହିଁ।

## କେନ୍ଦୁଝରରେ ଜିଲାସ୍ତରୀୟ ଲୋକ ଅଦାଲତ

# ୨୮୧୯ ବିଭିନ୍ନ ମାମଲାର ଫଇସଲା

କେନ୍ଦୁଝର, ୪।୧୧ (ସ୍ୱ.ପ୍ର.)

କେନ୍ଦୁଝରଠାରେ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରବିବାର ଜିଲା ଜଜ୍‌କୋର୍ଟ ସମେତ ଆନନ୍ଦପୁର, ଚମ୍ପୁଆ ଓ ବଡ଼ବିଲ ଆଦି କୋର୍ଟର ବିଭିନ୍ନ ଅଦାଲତରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ବେଣୁଧର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାର ସମସ୍ତ କୋର୍ଟରେ ୨୮୧୯ଟି ବିଭିନ୍ନ ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୨୫ଟି ଫୌଜଦାରି ମାମଲା, ୨ଟି ଦେୱାନୀ ମାମଲା, ୨୭୮୬ଟି ରାଜସ୍ୱ ମାମଲା, ୩ଟି ପାରିବାରିକ ମାମଲା ଓ ୩ଟି ପ୍ରାକ୍ ମକଦ୍ଦମା ମାମଲା ରହିଛି। ଏସବୁ ମାମଲାର ଫଇସଲା କରାଯାଇ ୭୫ ଲକ୍ଷ ୧୨ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଛି। ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ଜିଲା ଓ ଦୌରାଜଜ୍ ବେଣୁଧର ପାତ୍ର, ସ୍ଥାୟୀ ନିରନ୍ତର ଲୋକ ଅଦାଲତର ବିଚାରପତି ରାମନାଥ ପଣ୍ଡା, ପରିବାର ଅଦାଲତ ବିଚାରପତି ମିନତି କୁମାରୀ ପଣ୍ଡା, ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ତିରଞ୍ଜନ ପାତ୍ର, ଦେୱାନୀ ଜଜ ସ୍ୱର୍ଣ୍ଣଲତା ନାୟକ, ଏସ୍‌ଡିଜେଏମ୍ ପବିତ୍ରାନନ୍ଦ ପ୍ରଧାନ, କନିଷ୍ଠ ବିଚାରପତି ଐଶ୍ୱର୍ଯ୍ୟା କର, ସିପ୍ରା ପ୍ରିୟଦର୍ଶନୀ ସାହୁ ଓ ବିରଜା ପ୍ରସାଦ ପଣ୍ଡା ପ୍ରମୁଖ ନିଜର କୋର୍ଟ ଦାୟିତ୍ୱ ତୁଲାଇ ଥିଲେ। ଆଇନସେବା ପ୍ରାଧିକରଣ ସଚିବ ବନାଲି ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ନୀତି ନିବାରଣ ନେଇ ପ୍ରତିଯୋଗିତା

ଢେଙ୍କିକୋଟ, ୪।୧୧(ଡି.ଏନ୍.ଏ.)




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଦୁର୍ନୀତି ନିବାରଣ ସଚେତନ ସପ୍ତାହ ପାଳନ ଅବସରରେ କେନ୍ଦୁଝର ଜିଲାର ଅଗ୍ରଣୀ ବ୍ୟାଙ୍କ ଭାବେ ପରିଚିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଢେଙ୍କିକୋଟ ଶାଖା ତରଫରୁ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କୁ ନେଇ ଦୁର୍ନୀତି ନିବାରଣ ଓ ସଚେତନତା ଉପରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାଖାର ଶାଖା ପରିଚାଳକ ଭବାନୀ ପ୍ରସାଦ ବରାଳ, ଅତିରିକ୍ତ ଶାଖା ପରିଚାଳକ ତନ୍ମୟ ବଳ, ଫିଲ୍ଡ ଅଫିସର ପ୍ରାଞ୍ଜଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଶାଖା ପରିଚାଳକ ବରାଳ ଅପରାହ୍ନରେ ଭୋଲବେଢ଼ା ଗ୍ରାମର ଧବଳେଶ୍ୱର ଏସ୍‌ଏଚ୍‌ଜି ଗ୍ରୁପ୍ ଏବଂ ମସିଣା ବିଲା ଗ୍ରାମର ଏସ୍‌ଏଚ୍‌ଜି ଗ୍ରୁପ୍ ସମେତ ବହୁ ଗ୍ରାହକଙ୍କୁ ନେଇ ଦୁର୍ନୀତି ନିବାରଣ ଲାଗି ଶପଥ ପାଠ କରାଇଥିଲେ। ଶେଷରେ ଅତିରିକ୍ତ ଶାଖା ପରିଚାଳକ ତନ୍ମୟ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଗା ରକ୍ତଦାନ ଶିବିର

ଆନନ୍ଦପୁର,୪।୧୧(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳିଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାଳୀପୂଜା ଯୁବକସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ମୋଟ ୭୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଳୟର ବ୍ଲଡବ୍ୟାଙ୍କ୍ କର୍ମଚାରୀ, ସେବିକା ଓ ଡାକ୍ତର ଉଦୟ ଭାସ୍କର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପୂର୍ବାହ୍ନ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ଯୁବକସଂଘ ପରାମର୍ଶଦାତା ତଥା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଡ.ଶମ୍ଭୁନାଥ ରାଉତ୍, ୩ନଂ ଜୋନ୍ ଜିଲା ପରିଷଦ ସଦସ୍ୟ ପ୍ରଭାକର ସାହୁ ଓ ସରପଞ୍ଚ ସୁକାନ୍ତି ସାହୁଙ୍କ ସମେତ ଝାଡେଶ୍ୱର ସାହୁ, ଉପେନ୍ଦ୍ର ସାହୁ, କୈଳସ ସାହୁ, ସନ୍ତୋଷ ସାହୁ, ବିଜୟାନନ୍ଦ ସାହୁ, ବୁଲୁ ବିଶ୍ୱାଳ, ପ୍ରକାଶ ସାହୁ, ଅବକାଶ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସହାୟତା ଅପେକ୍ଷାରେ ଅସହାୟ ପରିବାର

ରାଇସୁଆଁ, ୪।୧୧(ଡି.ଏନ.ଏ.)



ଅସୁସ୍ଥ ବାଳକ ଅଜୁ।

ଖଣି ଖାଦାନ ଯୋଗୁ କେନ୍ଦୁଝର ଜିଲା ସଦର ଏବଂ ବାଂଶପାଳ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ସହାୟତା କି ଚିକିତ୍ସା ସେବା ମିଳିପାରୁନି। ଖଣି ପ୍ରଭାବିତ କୁମୁଣ୍ଡି ପଞ୍ଚାୟତର ତଳଜାଗର ଗାଁର ଦଶୀ ଦେହୁରୀ ନାମ୍ନୀ ଜଣେ ଅସହାୟ ମହିଳା ନିଜ ରୋଗାକ୍ରାନ୍ତ ପୁଅ ଅଜୁ ପ୍ରଧାନ ଏବଂ ଜଣେ ନାତି ସହ ଭୋକ ଉପାସରେ ଦିନ ବିତାଉଛନ୍ତି। ଅର୍ଥାଭାବ କାରଣରୁ ସେ ପୁଅ ଅଜୁଙ୍କୁ ଉପଯୁକ୍ତ ଚିକିତ୍ସା କରାଇ ନ ପାରିବାରୁ ସେ ଧୀରେ ଧୀରେ ଭିନ୍ନକ୍ଷମ ହେବାରେ ଲାଗିଛନ୍ତି।

ଦଶୀ କହିଛନ୍ତି ଯେ, ଅଜୁ ୫ମ ଶ୍ରେଣୀରେ ପଢୁଥିବା ବେଳେ ସେ ହଠାତ ଅସୁସ୍ଥ ହୋଇ ପଡିଥିଲା। ହାତରେ ସମ୍ବଳ ନ ଥିବାରୁ ତାକୁ ଡାକ୍ତରୀ ଚିକିତ୍ସା କରାଇ ନ ପାରି ଚେରମୂଳି ଚିକିତ୍ସା କରିଥିଲେ। ଅଜୁ ଭଲହେବା ପରିବର୍ତ୍ତେ ଏବେ ଦିବ୍ୟାଙ୍ଗ ହୋଇ ଶଯ୍ୟାଶାୟୀ ହୋଇପଡିଛନ୍ତି। ଦଶୀଙ୍କ ସ୍ୱାମୀ ୧୨ ବର୍ଷ ତଳେ କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିଥିଲେ। ସେବେଠାରୁ ଅସହାୟ ହୋଇପଡିଥିବା ଦଶୀଙ୍କୁ ତାଙ୍କ ବଡ଼ପୁଅ ବିଜୁ ସାହା ହୋଇଥିଲେ। ସେ ଗାଡି ଡ୍ରାଇଭର ଭାବେ କାମ କରୁଥିଲେ। ପରେ ରୋଗରେ ପଡି ୫ବର୍ଷ ହେବ ସେ ମଧ୍ୟ ଆରପାରିକୁ ଚାଲି ଯାଇଛନ୍ତି। ବଡ଼ପୁଅଙ୍କ ମୃତ୍ୟୁପରେ ବୋହୂ ନାତିକୁ ଛାଡି ବାପଘରକୁ ଚାଲିଯିବା ପରଠାରୁ ଦଶୀ ପରଘରେ ମୂଲମଜୁରି ଲାଗି ୩ ପ୍ରାଣୀ କୁଟୁମ୍ବକୁ ପୋଷୁଥିଲେ। ଅଜୁ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହୋଇପଡିବା ପରଠାରୁ ସେ ଆଉ ଆଗଭଳି କାମଧନ୍ଦା କରିବାକୁ ଯାଇ ପାରୁନାହାନ୍ତି। ଏଭଳି ସ୍ଥିତିରେ ପୁଅ ଅଜୁଙ୍କୁ ଡାକ୍ତରୀ ଚିକିତ୍ସା ସୁବିଧା ସହ ସହାୟତା ଯୋଗାଇ ଦେବାକୁ ସେ ପ୍ରଶାସନକୁ ଗୁହାରି ଜଣାଇଛନ୍ତି। ଏହି ଅସହାୟ ପରିବାର ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ମଧ୍ୟ ଦାବି କରିଛନ୍ତି।